# ୭

# ମୁଖ୍ୟ ଭୂମିରୂପ ସମୂହ ଏବଂ ସେଗୁଡ଼ିକର ଆର୍ଥନୀତିକ ଗୁରୁତ୍ୱ

ତୁମେ ପୂର୍ବପାଠରେ ଜାଣିଛ ଯେ ଭୂପୃଷ୍ଠରେ ଦେଖାଯାଉଥିବା ଭୂମିରୂପଗୁଡ଼ିକ ଅନ୍ତଃସ୍ଥ ଓ ବହିଃସ୍ଥ ବଳ ମଧ୍ୟରେ ଥିବା ପାରସ୍ପରିକ ପ୍ରତିକ୍ରିୟାର ପରିଣାମ । କୋମଳ ଶିଳାଗୁଡ଼ିକ ଏହି ଶକ୍ତିଗୁଡ଼ିକଦ୍ୱାରା ଅତି ସହଜରେ ଖାଇ ଯାଇଥାଏ । ମାତ୍ର ଅପେକ୍ଷାକୃତ କଠିନ ଶିଳା ଗୁଡ଼ିକ ଏତେ ସହଜରେ ଖାଇ ନଥାଏ । ସେଥିପାଇଁ ଏକ ଅଞ୍ଚଳରେ ବିକଶିତ ଭୂମିରୂପ ଉପରେ ଶିଳାଗୁଡ଼ିକର ଅଧିକ ପ୍ରଭାବ ରହିଥାଏ । ଅନ୍ତଃସ୍ଥ ଶକ୍ତିଗୁଡ଼ିକ ଭୂପୃଷ୍ଠକୁ ସର୍ବଦା ଉପରକୁ ଉତ୍‌ଥିତ କରୁଛନ୍ତି ଏବଂ ବହିଃସ୍ଥ ଶକ୍ତିଗୁଡ଼ିକ, ଯାହାକି ତୁମେ ପରବର୍ତ୍ତୀ ପାଠରେ ଅଧ୍ୟୟନ କରିବ, ପୃଷ୍ଠଦେଶକୁ ସମସ୍ତର କରିବା ପାଇଁ ଅନବରତ ଏହି ଉଚ୍ଚ ସ୍ଥାନଗୁଡ଼ିକୁ ହ୍ରାସ କରିଥାନ୍ତି । ଏହିପରି ସମାନୀକରଣର ଅଭିକର୍ତ୍ତା ଗୁଡ଼ିକର ଅବିରତ କ୍ରିୟା ଦ୍ୱାରା ବିଭିନ୍ନ ପ୍ରକାରର ଭୂମିରୂପ ଗଠିତ ହୋଇଥାଏ । ଏହି ଭୂମିରୂପ ଗୁଡ଼ିକ ଯେ କେବଳ ଭୂପୃଷ୍ଠର ପ୍ରାକୃତିକସ୍ୱରୂପ, ତା'ନୁହେଁ, ଏଗୁଡ଼ିକ ମଧ୍ୟ ମନୁଷ୍ୟ ସଭ୍ୟତାର ମୂଳଭିତ୍ତି । ଭୂପୃଷ୍ଠରେ ଦେଖାଯାଉଥିବା ମୁଖ୍ୟ ଭୂମିରୂପ ଗୁଡ଼ିକ ହେଲା ପର୍ବତ, ମାଳଭୂମି ଓ ସମତଳଭୂମି । ଏହି ପାଠରେ, ପୃଥିବୀର ମୁଖ୍ୟ ଭୂମିରୂପ ଗୁଡ଼ିକ ଓ ସେମାନଙ୍କର ଆମମାନଙ୍କ ପାଇଁ ଆର୍ଥନୀତିକ ପ୍ରାଧାନ୍ୟ ସମ୍ବନ୍ଧରେ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ:

ଏହି ପାଠଟି ଅଧ୍ୟୟନ କରିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ –

- ଭୂପୃଷ୍ଠରେ ଦେଖାଯାଉଥିବା ତିନିଗୋଟି ମୁଖ୍ୟ ଭୂମିରୂପ ମଧ୍ୟରେ ପାର୍ଥକ୍ୟ ଦେଖାଇବା;
- ଚିତ୍ର ସାହାଯ୍ୟରେ ବିଭିନ୍ନ ଭୂମିରୂପଗୁଡ଼ିକର ଗଠନ ପ୍ରକ୍ରିୟାକୁ ବୁଝାଇବା,
- ଗଠନ ପ୍ରଣାଳୀ ଉପରେ ନିର୍ଭର କରି ପର୍ବତଗୁଡ଼ିକୁ ବର୍ଗୀକରଣ କରିବା;
- ମନୁଷ୍ୟନିମିତ୍ତ ପର୍ବତଗୁଡ଼ିକର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିବା;
- ବିଭିନ୍ନ ପ୍ରକାରର ମାଳଭୂମିର ତାଲିକା ପ୍ରସ୍ତୁତ କରିନା ଓ ସେଗୁଡ଼ିକର ଆର୍ଥନୀତିକ ଗୁରୁତ୍ୱକୁ ବର୍ଣ୍ଣନା କରିବା;
- ମୁଖ୍ୟ ପ୍ରକାରର ସମତଳଭୂମିଗୁଡ଼ିକୁ ସଜ୍ଜିତ କରିବା ଓ ମନୁଷ୍ୟଜୀବନ ପ୍ରତି ସେଗୁଡ଼ିକର ପ୍ରଭାବକୁ ବୁଝାଇବା;



ଟିପ୍ପଣୀ (Notes)

- ମୁଖ୍ୟପର୍ବତ, ମାଳଭୂମି ଓ ସମତଳଭୂମି ଗୁଡ଼ିକର ଅବସ୍ଥିତିକୁ ପୃଥିବୀର ରେଖାଙ୍କିତ ମାନଚିତ୍ରରେ ଦର୍ଶାଇବା

## 7.1 ପର୍ବତ

ଭୂତ୍ୱକର ବିରୂପୀକରଣ ଦ୍ୱାରା ସୃଷ୍ଟ ଭୂପୃଷ୍ଠର ଆଜିକାଲିର ଭୂସ୍ୱରୂପ ଭାବରେ ପର୍ବତ, ମାଳଭୂମି ଓ ସମତଳଭୂମି ହେଉଛନ୍ତି ବିସ୍ତୃତଭୂମିରୂପ । ଏଗୁଡ଼ିକ ମଧ୍ୟରେ ପର୍ବତଗୁଡ଼ିକ ହେଉଛନ୍ତି ଅତ୍ୟଧିକ ଭୟ-ସଞ୍ଚାରକାରୀ ଭୂମିରୂପ । ଭୂପୃଷ୍ଠର ପ୍ରାୟ 27 ଶତାଂଶ ଅଞ୍ଚଳ ପର୍ବତ ଦ୍ୱାରା ଆଚ୍ଛାଦିତ । ସାଧାରଣତଃ, ସେଗୁଡ଼ିକ ଭୂପୃଷ୍ଠରେ ଉତ୍‌ଥିତ ଅଂଶ, ଯାହାକି ଚତୁର୍ପାର୍ଶ୍ୱର ସ୍ଥାନ ଅପେକ୍ଷା ଯଥେଷ୍ଟ ଅଧିକ ଉଚ୍ଚ । ମାତ୍ର ସମସ୍ତ ଉତ୍‌ଥିତ କିମ୍ବା ଉଚ୍ଚ ଅଞ୍ଚଳଗୁଡ଼ିକ ପର୍ବତ ହୋଇ ନଥାଏ । ବାସ୍ତବିକ୍, ଉଚ୍ଚତା ଓ ଢାଲୁ ଏକତ୍ର ଭୂମିର ଏକ ନିର୍ଦ୍ଦିଷ୍ଟ ରୂପକୁ ଏହି ଭୂମିରୂପ ଦେଇଥାଏ । ଉଦାହରଣ ସ୍ୱରୂପ, ତିବ୍‌ବତରେ ସମୁଦ୍ର ପତ୍ତନରୁ ପ୍ରାୟ 4500 ମିଟର ଉଚ୍ଚରେ ଅବସ୍ଥିତ ଉଚ୍ଚଅଂଶକୁ ମାଳଭୂମି କୁହାଯାଏ ଓ ପର୍ବତ ନୁହେଁ ।

ଏହା ମଧ୍ୟ ସ୍ମରଣ କରାଯାଇପାରେ ଯେ ପର୍ବତଶ୍ରେଣୀର ଗଠନ ନିୟୁତ ନିୟୁତ ବର୍ଷ ଧରି ହୋଇଥାଏ । ଏହି ବର୍ଷଗୁଡ଼ିକ ମଧ୍ୟରେ ପୃଥିବୀର ଅନ୍ତଃସ୍ଥ ଶକ୍ତି ଦ୍ୱାରା ଉତ୍‌ଥିତ ଭୂମି କ୍ଷୟୀକରଣ ଦ୍ୱାରା ହ୍ରାସ ପାଇବା ସହିତ ସଂଗ୍ରାମରତ । ମାଉଣ୍ଟଏଭେରେଷ୍ଟକୁ ଗଠନ କରିବା ପାଇଁ ଅନ୍ତଃସ୍ଥଶକ୍ତିଜନିତ ଭୂମିକୁ ବହିଃସ୍ଥ ଶକ୍ତି ଅନବରତ କ୍ଷୟ କରିବା ଅପେକ୍ଷା ତୀବ୍ରତରଭାବେ ଅନବରତ ନିମ୍ନରୁଚାପ ପ୍ରଦାନ କରିଥାଇପାରେ । ସେଥିପାଇଁ, ପର୍ବତଗୁଡ଼ିକ ହେଉଛନ୍ତି ଭୂପୃଷ୍ଠର ଉତ୍‌ଥିତ ଅଂଶ, ଯାହାର ତୀଖ ଢାଲୁ ଓ କ୍ଷୁଦ୍ର ଶୀର୍ଷ ସ୍ଥାନ ସମୁଦ୍ର ପତ୍ତନରୁ ହଜାର ହଜାର ମିଟର ଉଚ୍ଚକୁ ଉଠିଥାଏ । ପର୍ବତଗୁଡ଼ିକର ସେଗୁଡ଼ିକର ଉଚ୍ଚ ଓ ନୀଚ ଅଂଶ ମଧ୍ୟରେ ଉଚ୍ଚତାରେ ସର୍ବାଧିକ ପାର୍ଥକ୍ୟ ରହିଥାଏ ।

- ତୀଖ ଢାଲୁ ଓ ଶିଖର ବିଶିଷ୍ଟ 1000ମିଟର ଊର୍ଦ୍ଧ୍ୱକୁ ଉଠିଥିବା ଓ ନିୟୁତବର୍ଷରୁ ଊର୍ଦ୍ଧ୍ୱ ସମୟରେ ଗଠିତ ଭୂପୃଷ୍ଠର ଉତ୍‌ଥିତ ଅଂଶକୁ ପର୍ବତ କୁହାଯାଏ ।

## 7.2 ପର୍ବତଗୁଡ଼ିକର ବର୍ଗୀକରଣ:

ପର୍ବତଗୁଡ଼ିକର ଗଠନ ପ୍ରଣାଳୀକୁ ଭିତ୍ତିକରି ସେଗୁଡ଼ିକୁ ବର୍ଗୀକରଣ କରାଯାଇଅଛି:

(କ) ଭଙ୍ଗିଳ ପର୍ବତ

(ଖ) ସ୍ତୂପ ପର୍ବତ

(ଗ) ଜ୍ୱାଳାମୁଖୀ ପର୍ବତ

(ଘ) ଅବଶିଷ୍ଟ ପର୍ବତ

### (କ) ଭଙ୍ଗିଳ ପର୍ବତ

ପୂର୍ବପାଠରେ ଆମେ ଅଧ୍ୟୟନ କରିଛେ ଯେ ଅନ୍ତଃସ୍ଥ ଭୂଚଳନ ଯୋଗୁଁ ଶିଳାସ୍ତରରେ କିପରି ଭଙ୍ଗ ଗଠିତ ହୋଇଥାଏ । ମୁଖ୍ୟତଃ ସ୍ତରୀଭୂତଶିଳାର ଭଙ୍ଗିଳ ଉତ୍‌ଥିତ ପର୍ବତଶ୍ରେଣୀକୁ ଭଙ୍ଗିଳ ପର୍ବତ କୁହାଯାଏ । ଶିଳାଗୁଡ଼ିକ ନିୟୁତ ନିୟୁତ ବର୍ଷଧରି ଆନୁଭୂମିକ ସଙ୍କୋଚନ ଶକ୍ତିଦ୍ୱାରା ଊର୍ଦ୍ଧ୍ୱ ଓ ଅଧଃଭଙ୍ଗ ଭାବରେ ନଇଁ ଯାଇଥାଏ । ଏହା ଊର୍ଦ୍ଧ୍ୱଭଙ୍ଗ ଓ ଅଧଃଭଙ୍ଗ ଗଠନ କରିଥାଏ । ସମୟାନୁସାରେ

ଏହିପ୍ରକାର ଭୂ-ଚଳନ ଘଟିଥାଏ ଏବଂ ଭଙ୍ଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ପର୍ଯ୍ୟନ୍ତ ଉତ୍‌ଥିତ କରିଥାଏ, ଯାହା ଫଳରେ ଭଙ୍ଗିଳ ପର୍ବତର ଗଠନ ହୋଇଥାଏ ।

- ସଙ୍କୋଚନଶକ୍ତି ବଳରେ ମୁଖ୍ୟତଃ ଭଙ୍ଗିଳ ସ୍ତରୀଭୂତ ଶିଳାର ସ୍ତର ଗୁଡ଼ିକର ଉତ୍‌ଥାନଦ୍ୱାରା ଗଠିତ ପର୍ବତକୁ ଭଙ୍ଗିଳ ପର୍ବତ କୁହାଯାଏ ।




ଚିତ୍ର 7.1 ପୃଥିବୀର ପ୍ରଧାନ ଭଙ୍ଗିଳ ପର୍ବତ ଗୁଡ଼ିକର ବିତରଣ ।

ଏସିଆରେ ହିମାଳୟ ପର୍ବତ, ଇଉରୋପରେ ଆଲ୍‌ପସ୍ ପର୍ବତ, ଉତ୍ତର ଆମେରିକାରେ ରକିପର୍ବତ ଓ ଦକ୍ଷିଣ ଆମେରିକାରେ ଆଣ୍ଡିଜପର୍ବତ ପୃଥିବୀର ଅତି ବିଶିଷ୍ଟ ଭଙ୍ଗିଳ ପର୍ବତ (ଚିତ୍ର7.1ଦେଖ) ଯଦିଓ ଏହି ପର୍ବତଶ୍ରେଣୀଗୁଡ଼ିକ ଅତି ନିକଟରେ ପର୍ବତନିର୍ମାଣ କାଳ ଭିତରେ ଗଠିତ ହୋଇଛନ୍ତି, ସେଥିପାଇଁ ଏମାନଙ୍କୁ ତରୁଣଭଙ୍ଗିଳ ପର୍ବତମାଳା ବୋଲି କୁହାଯାଏ । ଏମାନଙ୍କ ମଧ୍ୟରୁ କିଛି ପର୍ବତଶ୍ରେଣୀ, ଉଦାହରଣ ସ୍ୱରୂପ, ହିମାଳୟ ପର୍ବତ, ଏବେ ବି ଉପରକୁ ଉଠୁଛି ।

(ଖ) ସ୍ତୂପ ପର୍ବତ

ସ୍ତୂପପର୍ବତଗୁଡ଼ିକ ମଧ୍ୟ ଅନ୍ତଃସ୍ଥ ଭୂଚଳନ ଦ୍ୱାରା ଗଠିତ ହୋଇଥାନ୍ତି । ଶିଳା ଉପରେ ସଂପ୍ରସାରଣ ଶକ୍ତି କାର୍ଯ୍ୟକଲେ ଶିଳାଉପରେ ଚ୍ୟୁତି ସୃଷ୍ଟିହୋଇଥାଏ । ଯେତେବେଳେ ଦୁଇଟି ପ୍ରାୟ ସମାନ୍ତର ଚ୍ୟୁତି ମଧ୍ୟରେ ଥିବା ଭୂମି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅପେକ୍ଷା ଉପରକୁ ଉତ୍‌ଥିତ ହୋଇଥାଏ, ସେତେବେଳେ ସ୍ତୂପପର୍ବତ ଗଠିତ ହୋଇଥାଏ । ଚ୍ୟୁତିର ବହିଃପାର୍ଶ୍ୱରେ ଥିବା ଭୂମି ନିମ୍ନକୁ ଖସିଗଲେ ଉଭୟ ମଧ୍ୟରେ ଏକ ଉତ୍‌ଥିତ ସ୍ତୂପ ରହିଯାଏ । ଚ୍ୟୁତି ସ୍ତରରେ ଥିବାର ଶିଳାଗୁଡ଼ିକ ସମତଳ କିମ୍ବା ଏପରିକି ଭଙ୍ଗିଳ ହୋଇଥାନ୍ତି । ସ୍ତୂପପର୍ବତକୁ ମଧ୍ୟ ହୋର୍ଷ୍ଟବୋଲି କୁହାଯାଏ ।(7.2ଚିତ୍ର ଦେଖ) । ଫ୍ରାନ୍ସର ଭୋସ୍‌ଜେସ ପର୍ବତ, ଜର୍ମାନୀର ବ୍ଲାକ୍‌ଫରେଷ୍ଟ ପର୍ବତ, ଏବଂ ଉତ୍ତର ଆମେରିକାର ସିରାନେଭେଡା ହେଉଛି ସ୍ତୂପପର୍ବତର ଏକ ବିଶିଷ୍ଟ ଉଦାହରଣ ।



ଚିତ୍ର 7.2 ସ୍ତୂପ ପର୍ବତ କିମ୍ବା ହୋର୍ଷ୍ଟ



ଟିପ୍ପଣୀ (Notes)

- ଦୁଇଟି ଚ୍ୟୁତ ମଧ୍ୟରେ ଥିବା ଭୂମିର ଉତ୍‌ଥାନ କିମ୍ବା ଚ୍ୟୁତର ବହିଃପାର୍ଶ୍ୱସ୍ଥ ଭୂମିର ଅଧଃଗମନ ଯୋଗୁଁ ଗଠିତ ହେଉଥିବା ପର୍ବତକୁ ସ୍ତୂପପର୍ବତ କୁହାଯାଏ ।

### (ଗ) ଜ୍ୱାଳାମୁଖୀ ପର୍ବତ

ଆମେ ପୂର୍ବପାଠରେ ଶିଖିଛେ ଯେ ପୃଥିବୀର ଅଭ୍ୟନ୍ତର ଅତିଶୟଭାବେ ଉତ୍ତପ୍ତ । ପୃଥିବୀର ଅତି ଗଭୀର ସ୍ଥାନରେ ଅଧିକ ତାପମାତ୍ରା ଫଳରେ ଶିଳାଗୁଡ଼ିକ ତରଳ ମ୍ୟାଗ୍ମାରେ ପରିଣତ ହୋଇଥାନ୍ତି । ଜ୍ୱାଳାମୁଖୀୟ ଉଦ୍‌ଗୀରଣ ସମୟରେ ଏହି ତରଳ ଶିଳା ପଦାର୍ଥଗୁଡ଼ିକ ପୃଥିବୀପୃଷ୍ଠକୁ ନିର୍ଗତ ହୋଇଥାଏ, ଏହା ନିର୍ଗମପଥ ଚତୁଃପାର୍ଶ୍ୱରେ ଜମା ହୋଇରହେ ଏବଂ ଏକ ଶଙ୍କୁଆକୃତି ଗଠନ କରିଥାଏ । ଏହି ଶଙ୍କୁର ଉଚ୍ଚତା ପ୍ରତ୍ୟେକ ନିର୍ଗମନ ସହିତ ବୃଦ୍ଧି ପାଇଥାଏ ଓ ଏହା ଏକ ପର୍ବତର ଆକାର ନେଇଥାଏ । ଯେହେତୁ ଏହି ପର୍ବତଗୁଡ଼ିକ ଜ୍ୱାଳାମୁଖୀୟ ପଦାର୍ଥଦ୍ୱାରା ଗଠିତ ହୋଇଥାଏ, ସେଗୁଡ଼ିକୁ ଜ୍ୱାଳାମୁଖୀ ପର୍ବତ ବା ସଞ୍ଚୟନ ପର୍ବତ (Mountain of Accumulation) କୁହାଯାଏ । ଚିତ୍ର 7.3ଦେଖ । ହାୱାଇ ଦ୍ୱୀପପୁଞ୍ଜର ମାଉଣ୍ଟ୍ ମଉନା ଲୋଆ, ମିଆଁମାରର ମାଉଣ୍ଟ ପୋପା, ଇଟାଲୀର ମାଉଣ୍ଟ୍ ବିସୁଭିଅସ, ଇକ୍ୟୁଡରର କୋଟୋପକ୍ସି ଓ ଜାପାନର ଫୁଂଜି ୟାମା ଜ୍ୱାଳାମୁଖୀ ପର୍ବତର ଉଦାହରଣ ।



ଚିତ୍ର 7.3 ଜ୍ୱାଳାମୁଖୀ ପର୍ବତ

- ଜ୍ୱାଳାମୁଖୀୟ ପଦାର୍ଥର ସଞ୍ଚୟନଦ୍ୱାରା ଗଠିତ ପର୍ବତକୁ ଜ୍ୱାଳାମୁଖୀ ପର୍ବତ ବା ସଞ୍ଚୟନ ପର୍ବତ କୁହାଯାଏ ।

### (ଘ) ଅବଶିଷ୍ଟ ପର୍ବତ

ପୃଥିବୀର ଭୂତ୍ୱକ ଉପରେ ନଦୀ, ପବନ, ହିମବାହ ପ୍ରଭୃତି କ୍ଷୟୀକରଣ ଅଭିକର୍ତ୍ତାଗୁଡ଼ିକ ଓ ଚୂର୍ଣ୍ଣୀଭବନ ସର୍ବଦା ଅବିରତ କାର୍ଯ୍ୟ କରୁଛନ୍ତି । ଏକ ଉତ୍‌ଥିତ ପର୍ବତଶ୍ରେଣୀ ଭୂପୃଷ୍ଠରେ ଦେଖାଦେବା ସଙ୍ଗେ ସଙ୍ଗେ ସମାନୀକରଣର ଅଭିକର୍ତ୍ତାଗୁଡ଼ିକ ସେଗୁଡ଼ିକୁ ନିମ୍ନସ୍ତରକୁ ନେବାପାଇଁ କାର୍ଯ୍ୟ କରିଥାନ୍ତି । ବିସ୍ତୃତଭାବରେ, ଶିଳାଗୁଡ଼ିକର ଆକୃତି ଓ ସରଞ୍ଚନା ଉପରେ ହ୍ରାସ କରିବାର ପ୍ରକ୍ରିୟା ନିର୍ଭର କରେ । ହଜାର ହଜାର ବର୍ଷପରେ, କୋମଳ ଶିଳାଗୁଡ଼ିକ ବାଲୁକାରେ ପରିଣତ ହୁଏ ଏବଂ କଠିନ ଶିଳାଗୁଡ଼ିକ ଉଚ୍ଚତାରେ ହ୍ରାସ ପାଇଥିବା ଅଞ୍ଚଳରେ ଦଣ୍ଡାୟମାନ ଅବସ୍ଥାରେ ରହିଯାଆନ୍ତି । ଏଗୁଡ଼ିକୁ ଅବଶିଷ୍ଟ ପର୍ବତ କୁହାଯାଏ । (ଚିତ୍ର 7.4) । ଭାରତର ନୀଳଗିରି ପର୍ବତ, ପାରଶନାଥ ପର୍ବତ, ରାଜମହଲ ପର୍ବତ ଓ ଆରାବଳୀ ଅବଶିଷ୍ଟ ପର୍ବତର ଉଦାହରଣ ।



ଚିତ୍ର- 7.4 ଅବଶିଷ୍ଟ ପର୍ବତ

- ଚୂର୍ଣ୍ଣୀଭବନ ଓ କ୍ଷୟୀକରଣରୁ ରକ୍ଷା ପାଇଥିବା ଓ ଏକ ପର୍ବତ ରୂପରେ ଦୃଶ୍ୟ ହେଉଥିବା ଉତ୍‌ଥିତ ଅଞ୍ଚଳକୁ ଅବଶିଷ୍ଟ ପର୍ବତ କୁହାଯାଏ ।
- ସେଗୁଡ଼ିକର ଗଠନ ପ୍ରଣାଳୀ ଉପରେ ଭିତ୍ତିକରି, ପର୍ବତଗୁଡ଼ିକୁ ଭଙ୍ଗିଳପର୍ବତ, ସ୍ତୁପପର୍ବତ, ଜ୍ୱାଳାମୁଖୀ ପବର୍ତ ଓ ଅବଶିଷ୍ଟ ପର୍ବତ ଭାବରେ ବର୍ଗୀକରଣ କରାଯାଏ ।

## 7.3 ପର୍ବତର ଆର୍ଥନୀତିକ ଗୁରୁତ୍ୱ

ପର୍ବତଗୁଡ଼ିକ ନିମ୍ନଲିଖିତଭାବରେ ଆମପାଇଁ ଦରକାରୀ:

**(କ) ସମ୍ବଳର ଭଣ୍ଡାର**

ପର୍ବତଗୁଡ଼ିକ ପ୍ରାକୃତିକ ସମ୍ବଳର ଭଣ୍ଡାର । ପର୍ବତ ଗୁଡ଼ିକରେ ଖଣିଜପଦାର୍ଥର ବହୁତ ସମ୍ବଳ ଦେଖାଯାଏ । ଯୁକ୍ତରାଷ୍ଟ୍ର ଆମେରିକାର ଆପେଲସିଆନ ପର୍ବତଶ୍ରେଣୀ କୋଇଲା ଓ ଚୂନପଥର ଖଣିପାଇଁ ଖୁବ୍ ପରିଚିତ । ଆମେ ପର୍ବତର ଅରଣ୍ୟଗୁଡ଼ିକରୁ କାଠ, ଲାଖ, ଔଷଧୀୟ ଗୁଳ୍ମ ଓ କାଗଜମଣ୍ଡ ପ୍ରସ୍ତୁତ କରିବାପାଇଁ କାଠ ପାଇଥାଉ, ପର୍ବତ ଓ ପାହାଡ଼ ଢାଲରେ ଚାହା ଓ କଫିର ରୋପଣ କୃଷି ଓ କେତେକ ଫଳ ବଗିଚା ବିକାଶଲାଭ କରିଛି ।

**(ଖ) ଜଳବିଦ୍ୟୁତ ଶକ୍ତି ଉତ୍ପାଦନ:**

ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ଚିରସ୍ରୋତା ନଦୀର ଜଳରେ ଜଳବିଦ୍ୟୁତଶକ୍ତି ଉତ୍ପାଦିତ ହୋଇଥାଏ । କୋଇଲା ଅଭାବରେ ପୀଡ଼ିତ ଜାପାନ, ଇଟାଲୀ, ଓ ସୁଇଜରଲ୍ୟାଣ୍ଡ ପରି ପାର୍ବତ୍ୟଦେଶଗୁଡ଼ିକ ଜଳବିଦ୍ୟୁତଶକ୍ତି ବିକାଶ କରିଛନ୍ତି ।

**(ଗ) ଜଳର ଅପର୍ଯ୍ୟାପ୍ତ ଉତ୍ସ-**

ହିମପୁଷ୍ଟ କିମ୍ବା ଅତ୍ୟଧିକ ବୃଷ୍ଟିପୁଷ୍ଟ ଚିରସ୍ରୋତାନଦୀଗୁଡ଼ିକ ଉତ୍ପନ୍ନ ହୋଇଥିବା ପର୍ବତଗୁଡ଼ିକ ଜଳର ପ୍ରଧାନ ଉତ୍ସ । ସେଗୁଡ଼ିକ ଜଳସେଚନକୁ ବୃଦ୍ଧି କରିବାର ସାହାଯ୍ୟ କରନ୍ତି ଓ ଅନ୍ୟାନ୍ୟ ଅନେକପ୍ରକାର ବ୍ୟବହାରରେ ଜଳ ଯୋଗାଣ କରିଥାନ୍ତି ।

**(ଘ) ଉର୍ବର ସମତଳଭୂମିର ଗଠନ:**

ଉଚ୍ଚପାର୍ବତ୍ୟ ଅଞ୍ଚଳରୁ ଉତ୍ପନ୍ନ ନଦୀଗୁଡ଼ିକ ଜଳ ସହିତ ପଟୁମାଟି ନିମ୍ନସ୍ଥଉପତ୍ୟକାଗୁଡ଼ିକୁ ଆଣିଥାନ୍ତି । ଏହା ଉର୍ବର ସମତଳଭୂମି ଗଠନ କରିବାରେ ସାହାଯ୍ୟ କରିଥାଏ । ଉତ୍ତରଭାରତରେ ବୃହତ୍ ପଟୁସମତଳଭୂମି ଗଙ୍ଗାନଦୀ, ସତ୍‌ଲେଜନଦୀ ଓ ବ୍ରହ୍ମପୁତ୍ରନଦୀ ଦ୍ୱାରା ଗଠିତ ହୋଇଆସିଛି ।

**(ଙ) ପ୍ରାକୃତିକ ରାଜନୈତିକ ସୀମାନ୍ତ:**

ଦେଶଗୁଡ଼ିକମଧ୍ୟରେ ପର୍ବତଶ୍ରେଣୀଗୁଡ଼ିକ ପ୍ରାକୃତିକ ରାଜନୈତିକ ସୀମାନ୍ତ ଭାବରେ କାର୍ଯ୍ୟ କରିଥାନ୍ତି ଓ ସେଗୁଡ଼ିକୁ କେତେକ ପରିମାଣରେ ଆକ୍ରମଣରୁ ରକ୍ଷା କରିଥାନ୍ତି । ଭାରତ ଓ ଚୀନ ମଧ୍ୟଦେଇ ହିମାଳୟ ପର୍ବତ ଏକ ରାଜନୈତିକ ସୀମାନ୍ତ ଗଠନ କରୁଛି ।

**(ଚ) ଜଳବାୟୁ ଉପରେ ପ୍ରଭାବ:**

ପାର୍ବତ୍ୟ ଅଞ୍ଚଳଗୁଡ଼ିକରେ ନିମ୍ନତର ତାପମାତ୍ରା ଥାଏ । ଦୁଇଟି ସଲଗ୍ନ ଅଞ୍ଚଳ ମଧ୍ୟରେ ସେଗୁଡ଼ିକ ଜଳବାୟୁ ବିଭାଜକ ଭାବରେ କାର୍ଯ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ, କେନ୍ଦ୍ରୀୟ ଏସିଆଠାରୁ ଭାରତୀୟ ଉପମହାଦେଶକୁ ପ୍ରବାହିତ ଶୀତଳ ପବନ ପ୍ରତି ହିମାଳୟପର୍ବତ ଏକ ପ୍ରତିବନ୍ଧକ ଗଠନ କରିଥାଏ । ସେଗୁଡ଼ିକ ମଧ୍ୟ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁକୁ ଉର୍ଦ୍ଧ୍ୱକୁ ବଳପୂର୍ବକ ଉଠାଇଥାଏ ଓ ଦକ୍ଷିଣସ୍ଥିତ ଢାଲୁରେ ବୃଷ୍ଟିପାତର କାରଣ ହୋଇଥାଏ ।

**(ଜ) ପର୍ଯ୍ୟଟନ କେନ୍ଦ୍ର:**

ପର୍ବତଗୁଡ଼ିକର ଆମୋଦଦାୟକ ଜଳବାୟୁ ଓ ସୁନ୍ଦର ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିକାଶ କରିବାରେ ସାହାଯ୍ୟ କରିଥାଏ । ଏହି ଅଞ୍ଚଳରେ ହୋଟେଲ ଶିଳ୍ପ ଓ ପର୍ଯ୍ୟଟନ ଶିଳ୍ପ ଏକ ସହାୟକ ଉତ୍ସାହ ପ୍ରଦାନ କରିଥାଏ । ସମଗ୍ର ପୃଥିବୀରୁ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରୁଥିବା ଶିମ୍‌ଲା, ନୈନିତାଲ୍, ମଶୌରୀ ଓ ଶ୍ରୀନଗର ଭାରତର କେତେକ ପ୍ରଧାନ ଶୈଳନିବାସ ।

**ପାଠ୍ୟଅନ୍ତର୍ଗତ ପ୍ରଶ୍ନାବଳୀ 7.1**

1. ଭୂପୃଷ୍ଠରେ ଦେଖାଯାଉଥିବା ତିନିଗୋଟି ମୁଖ୍ୟଭୂମିରୂପର ନାମ ଲେଖ ।

   (i)––––(ii)––––(iii)–––––

2. ସଂକ୍ଷେପରେ ଉତ୍ତର ଦିଅ-

   (କ) କେଉଁ ପ୍ରକାର ଶିଳାରୁ ଭଙ୍ଗିଳ ପର୍ବତ ଗଠିତ ହୋଇଥାଏ ?

   (ଖ) କେଉଁ ଶକ୍ତିଦ୍ୱାରା ଭଙ୍ଗିଳ ପର୍ବତ ଗଠିତ ହୋଇଥାଏ ?

   (ଗ) ଭାରତର ଚାରିଗୋଟି ପ୍ରଧାନ ଶୈଳନିବାସର ନାମଲେଖ ।

   (i)––––(ii)––––(iii)–––––(iv)–––––

3. ବନ୍ଧନୀମଧ୍ୟରେ ପର୍ବତର ପ୍ରକାର ଲେଖ:

   (କ) ବ୍ଲାକ୍ ଫରେଷ୍ଟ ( )  (ଖ) ନୀଳଗିରି ( )

   (ଗ) ଫୁଜିୟାମା ( )  (ଘ) ଆଣ୍ଡିଜ୍ ( )

## 7.4 ମାଳଭୂମି

ଭୂପୃଷ୍ଠର ପ୍ରାୟ 18ଶତାଂଶ ମାଳଭୂମି ଦ୍ୱାରା ଆଚ୍ଛାଦିତ । ପର୍ବତ ପରି ଏହି ଭୂମିରୂପର ଉପରିଭାଗରେ ବିସ୍ତୃତ ଉତ୍‌ଥିତ ଅଞ୍ଚଳ ରହିଛି ଏବଂ ପ୍ରାୟ ସେଠାରେ ଏହା ସମପୃଷ୍ଠ ବିଶିଷ୍ଟ । ଅନେକ ସମୟରେ ନଦୀ କିମ୍ବା ସ୍ରୋତ ମାଳଭୂମିରେ ଗଭୀର ଉପତ୍ୟକା ଓ ଗଣ୍ଡ ଗଠନ କରିଥାନ୍ତି । ଏହାର ପ୍ରାରମ୍ଭିକ ମସୃଣ ଭୂଆକୃତି ସ୍ଥାନରେ କର୍ତ୍ତିତମାଳଭୂମି ପରିବର୍ତ୍ତିତ ହୋଇଥାଏ । ଯାହା ହେଲେବି, ଏକ ମାଳଭୂମି ନିକଟବର୍ତ୍ତୀ ଅଞ୍ଚଳ ଅପେକ୍ଷା ସମୁଦ୍ରପତ୍ତନଠାରୁ ଯଥେଷ୍ଟ ଅଧିକ ଉଚ୍ଚରେ ରହିଥାଏ । ଯଦିଓ ସାଧାରଣଭାବରେ ଏହା ସମୁଦ୍ରପତ୍ତନଠାରୁ 600ମିଟର ଉଚ୍ଚତା ବିଶିଷ୍ଟ ହୋଇଥାଏ, ମାତ୍ର ଦିବତ ଓ ବଲିଭିଆ ମାଳଭୂମି ପରି କେତେକ ମାଳଭୂମି ସମୁଦ୍ରପତ୍ତନଠାରୁ 3600 ମିଟର ଉଚ୍ଚରେ ରହିଛି ।

- ଏକ ମାଳଭୂମି ହେଉଛି ଉଣାଅଧିକେ ସମପତ୍ତନ ଭୂମିଥିବା ଉପରିଭାଗ ବିଶିଷ୍ଟ ଉତ୍‌ଥିତ ଅଞ୍ଚଳ । ଏହାର ଉପରିଭାଗରେ ବିସ୍ତୃତ ଅଞ୍ଚଳ ଓ ପାର୍ଶ୍ୱରେ ତୀଖ ଢାଲୁ ରହିଥାଏ ।

### ମାଳଭୂମିଗୁଡ଼ିକର ବର୍ଗୀକରଣ

ଭୌଗୋଳିକ ଅବସ୍ଥିତି ଓ ଶିଳାର ସଂରଚନାଉପରେ ନିର୍ଭର କରି ମାଳଭୂମିଗୁଡ଼ିକୁ ନିମ୍ନଲିଖିତଭାବେ ବର୍ଗୀକରଣ କରାଯାଏ:

(କ) ଅନ୍ତର୍ପାର୍ବତୀ ମାଳଭୂମି

(ଖ) ପର୍ବତପାଦୀୟ ମାଳଭୂମି

(ଗ) ମହାଦେଶୀୟ ମାଳଭୂମି

### (କ)ଅନ୍ତର୍ପାର୍ବତ୍ୟ ମାଳଭୂମି

ଭଙ୍ଗିଳ ପର୍ବତ ଶ୍ରେଣୀକୁ ସୀମାଙ୍କିତ କରୁଥିବା କିମ୍ବା ଆଂଶିକଭାବରେ କିମ୍ବା ସମ୍ପୂର୍ଣ୍ଣଭାବରେ ସେଗୁଡ଼ିକଦ୍ୱାରା ପରିବର୍ଦ୍ଧିତ ହୋଇଥିବା ମାଳଭୂମିକୁ ଅନ୍ତର୍ପାର୍ବତ୍ୟ ମାଳଭୂମି କୁହାଯାଏ (ଚିତ୍ର 7.5) । ଉଲ୍ଲମ୍ବ ଚଳନ ପ୍ରାୟ ଆନୁଭୂମିକ ଶିଳାବିଶିଷ୍ଟ ଏହି ବିସ୍ତୀର୍ଣ୍ଣ ଭୂମିରୂପକୁ ସମୁଦ୍ରପତ୍ତନଠାରୁ ହଜାର ମିଟରରୁ ଅଧିକ ଉଚ୍ଚତାପର୍ଯ୍ୟନ୍ତ ଉତ୍‌ଥିତ କରିଥାଏ । ବିସ୍ତୀର୍ଣ୍ଣ ଓ 4500ମିଟରରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ତିବ୍‌ବତ ମାଳଭୂମି ଏହାର ଏକ ଉଦାହରଣ । ଏହା ହିମାଳୟ ପର୍ବତ, କାରାକୋରମ ପର୍ବତ, କୁନଲୁନ ପର୍ବତ, ତିଏନ୍‌ଶାନ ପର୍ବତ ପରି ଭଙ୍ଗିଳପର୍ବତମାନଙ୍କଦ୍ୱାରା ଏହାର ଦୁଇ ପାର୍ଶ୍ୱରେ ଘେରି ରହିଛନ୍ତି । କଲୋରେଡୋ ମାଳଭୂମି ଅନ୍ୟଏକ ଜଣାଶୁଣା ଉଦାହରଣ । ଏକ କିଲୋମିଟରରୁ ଅଧିକ ଉଚ୍ଚତାବିଶିଷ୍ଟ ଏହି ମାଳଭୂମିକୁ ଗ୍ରାଣ୍ଡ୍ କେନିଅନ ଓ ଅନେକ ଗଣ୍ଡ କାଟିଛନ୍ତି । ମେକ୍‌ସିକୋମାଳଭୂମି ବଲିଭିଆ ମାଳଭୂମି ଓ ଇରାନ ମାଳଭୂମି ଏହି ପ୍ରକାର ମାଳଭୂମିର ଅନ୍ୟାନ୍ୟ ଉଦାହରଣ ।




ଚିତ୍ର– 7.5 ଅନ୍ତର୍ପାର୍ବତ୍ୟ ମାଳଭୂମି



ଟିପ୍ପଣୀ (Notes)

## (ଖ) ପର୍ବତପାଦୀୟ ମାଳଭୂମି (ବା ଗିରିପଦ ମାଳଭୂମି):

ପର୍ବତର ପାଦଦେଶରେ ଅବସ୍ଥିତ ଓ ଅନ୍ୟପାର୍ଶ୍ୱରେ ଏକ ସମତଳଭୂମି କିମ୍ବା ଏକ ମହାସାଗର ଦ୍ୱାରା ପରିବେଷ୍ଟିତ ମାଳଭୂମିକୁ ଅନ୍ତର୍ପାର୍ବତ୍ୟ ମାଳଭୂମି କୁହାଯାଏ । (ଚିତ୍ର 7.6) ଭାରତର ମାଳବ ମାଳଭୂମି, ଆଟ୍‌ଲାଣ୍ଟିକ ମହାସାଗରକୁ ସମ୍ମୁଖ କରୁଥିବା ପାଟାଗୋନିଆ ମାଳଭୂମି, ଆପେଲେସିଆନ ପର୍ବତ ଓ ଆଟ୍‌ଲାଣ୍ଟିକ ଉପକୂଳବର୍ତ୍ତୀ ସମତଳଭୂମି ମଧ୍ୟବର୍ତ୍ତୀ ଯୁକ୍ତରାଷ୍ଟ୍ର ଆମେରିକାର ଆପେଲେସିଆନ ମାଳଭୂମି ଏହାର ଉଦାହରଣ । ଏଗୁଡ଼ିକ କ୍ଷେତ୍ରରେ, ଏକଦା ଏହି ଅଞ୍ଚଳଗୁଡ଼ିକ ଅଧିକ ଉଚ୍ଚଥିଲେ, ମାତ୍ର ବର୍ତ୍ତମାନ ବିଭିନ୍ନ କ୍ଷୟୀକରଣ ଅଭିକର୍ତ୍ତା ଦ୍ୱାରା ଉଚ୍ଚତା ହ୍ରାସ ପାଇଛି । ଏହି କାରଣରୁ ଏଗୁଡ଼ିକୁ ନଗ୍ନୀଭୂତ ମାଳଭୂମି (ବା ଅନାବୃତ୍ତ ମାଳଭୂମି) କୁହାଯାଏ ।




**ଚିତ୍ର-7.6 ଗିରିପଦ ମାଳଭୂମି**

## (ଗ) ମହାଦେଶୀୟ ମାଳଭୂମି

ଏକ ବିସ୍ତୀର୍ଣ୍ଣ ମହାଦେଶୀୟ ଉତ୍‌ଥାନ କିମ୍ବା ଆନୁଭୂମିକ କ୍ଷାରୀୟ ଲାଭା ଚଦରର ପ୍ରସାରଣକୁ ସମ୍ପୂର୍ଣ୍ଣଭାବେ ମୂଳ ଭୂଆକୃତିକୁ ଅଧିକ ଗଭୀରତା ପର୍ଯ୍ୟନ୍ତ ଆଚ୍ଛାଦିତ କରି ଏଗୁଡ଼ିକ ଗଠିତ ହୋଇଥାଏ । ଭାରତରେ ଜ୍ୱାଳାମୁଖୀ ଲାଭା ଆଚ୍ଛାଦିତ । ମହାରାଷ୍ଟ୍ର ମାଳଭୂମି, ଯୁକ୍ତରାଷ୍ଟ୍ର ଆମେରିକାର ଉତ୍ତର-ପଶ୍ଚିମରେ ଅବସ୍ଥିତ ସ୍ନେକରିଭର ମାଳଭୂମି ଏହିପ୍ରକାରର ଉଦାହରଣ । ଏଗୁଡ଼ିକୁ ସଞ୍ଚୟିତ ମାଳଭୂମି ବୋଲି ମଧ୍ୟ କୁହାଯାଏ ।

ସମସ୍ତ ମହାଦେଶୀୟ ମାଳଭୂମି ନିକଟସ୍ଥ ନିମ୍ନଭୂମି କିମ୍ବା ସମୁଦ୍ରଠାରୁ ଆକସ୍ମିକଭାବେ ଉଚ୍ଚ ହେବାର ଦେଖାଯାଏ (ଚିତ୍ର7.7) । ଅନ୍ୟ ମାନଙ୍କ ତୁଳନାରେ ଏହି ମାଳଭୂମିଗୁଡ଼ିକ ବିସ୍ତୃତ ଅଞ୍ଚଳ ଆଚ୍ଛାଦନ କରିଥାନ୍ତି, ଯଥା: ବୃହତ୍ ଭାରତୀୟମାଳଭୂମି, ଆରବ ମାଳଭୂମି, ସ୍ପେନ ମାଳଭୂମି, ଗ୍ରୀନଲ୍ୟାଣ୍ଡ ମାଳଭୂମି, ଆଫ୍ରିକା ମାଳଭୂମି ଓ ଅଷ୍ଟ୍ରେଲିଆ ମାଳଭୂମି । ବୃହତ୍ ଭାରତୀୟ ମାଳଭୂମିପରି ସେଗୁଡ଼ିକର ନିମ୍ନସ୍ଥ ଶିଳାସ୍ତରର ଆନୁଭୂମିକଗୁଣକୁ ବିଶୃଙ୍ଖଳ ନକରି ଏକ ପାର୍ଶ୍ୱକୁ ଢଳିଥାଇ ପାରନ୍ତି ।




ଚିତ୍ର- 7.7 ମହାଦେଶୀୟ ମାଳଭୂମି







- ସୀମାନ୍ତବର୍ତ୍ତୀ କିମ୍ବା ଉଚ୍ଚ ପର୍ବତଶ୍ରେଣୀ ଗୁଡ଼ିକ ଦ୍ୱାରା ଆବଦ୍ଧ ମାଳଭୂମିକୁ ଅନ୍ତର୍ପାର୍ବତ୍ୟ ମାଳଭୂମି କୁହାଯାଏ ।
- ବିସ୍ତୃତ ଅଞ୍ଚଳର ଉତ୍‌ଥାନଦ୍ୱାରା କିମ୍ବା କ୍ଷାରୀୟ ଲାଭାଚଦରର ଅବିରତ ପ୍ରସାରଣ ଦ୍ୱାରା ଗଠିତ ମାଳଭୂମିକୁ ମହାଦେଶୀୟ ମାଳଭୂମି କୁହାଯାଏ ।
- ପର୍ବତର ପାଦଦେଶରେ ଅବସ୍ଥିତ ଓ ଏକପାର୍ଶ୍ୱରେ ଏକ ସମତଳଭୂମି କିମ୍ବା ଅନ୍ୟପାର୍ଶ୍ୱରେ ମହାସାଗର ଦ୍ୱାରା ପରିସୀମିତ ମାଳଭୂମିକୁ ପର୍ବତପାଦୀୟ ମାଳଭୂମି କୁହାଯାଏ ।

## ମାଳଭୂମିଗୁଡ଼ିକର ଆର୍ଥନୀତିକ ଗୁରୁତ୍ୱ

ସେଗୁଡ଼ିକର ପୃଷ୍ଠଭାଗ ଅନବରତ କ୍ଷୟିତ ହେଉଥିବା ଯୋଗୁଁ ଆମେ ଦେଖୁ ଯେ ସ୍ଥାନେସ୍ଥାନେ କିମ୍ବା ଧିର କୃଷିବିକାଶ ଓ ରାସ୍ତା ନିର୍ମାଣ ମାଳଭୂମିଗୁଡ଼ିକ ଉପରେ ହୋଇଥାଏ । ଏହି କାରଣ ମଧ୍ୟ ବୁଝାଏ ଯେ ମାଳଭୂମିଗୁଡ଼ିକରେ କାହିଁକି ବିକ୍ଷିପ୍ତ ଜନସଂଖ୍ୟା ଦେଖାଯାଏ । ଯାହାହେଲେ ବି ନିମ୍ନଲିଖିତ ଭାବରେ ମାଳଭୂମିଗୁଡ଼ିକ ମନୁଷ୍ୟମାନଙ୍କ ପାଇଁ ବିଶେଷଭାବେ ଦରକାରୀ ।

### (1) ଖଣିଜ ପଦାର୍ଥର ଭଣ୍ଡାର-

ପୃଥିବୀର ଅଧିକାଂଶ ଖଣିଜପଦାର୍ଥ ମାଳଭୂମିଗୁଡ଼ିକରେ ଦେଖାଯାଏ । ଏହାବ୍ୟତୀତ ମାଳଭୂମିରେ ଖଣିଜପଦାର୍ଥ ନିଷ୍କାସନ କରିବା ଅପେକ୍ଷାକୃତଭାବେ ସହଜ ହୋଇଥାଏ । ଏହି ଖଣିଜପଦାର୍ଥଗୁଡ଼ିକ ଆମର ଶିଳ୍ପକେନ୍ଦ୍ର ଗୁଡ଼ିକ ପାଇଁ ଅତ୍ୟାବଶ୍ୟକୀୟ କଞ୍ଚାମାଲ୍ । ଆମେ ପଶ୍ଚିମ ଅଷ୍ଟ୍ରେଲିଆ ମାଳଭୂମିରୁ ସୁନା ପାଉ; ଆଫ୍ରିକା ମାଳଭୂମିରୁ ତମ୍ବା, ହୀରା ଓ ସୁନା, ପାଉ; ଏବଂ ଭାରତର ଛୋଟନାଗପୁର ମାଳଭୂମିରୁ କୋଇଲା, ଲୁହା, ମାଙ୍ଗାନିଜ୍ ଓ ଅଭ୍ର ପାଉ ।

### (2) ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ

ମାଳଭୂମି ଗୁଡ଼ିକର ଧାରରୁ ନଦୀ ନିମ୍ନକୁ ପଡିଲାଯୋଗୁଁ ଜଳପ୍ରପାତ ଗଠିତ ହୁଏ । ଏହି ଜଳପ୍ରପାତଗୁଡ଼ିକ ଜଳ ବିଦ୍ୟୁତଶକ୍ତି ଉତ୍ପାଦନ ପାଇଁ ଆଦର୍ଶ ସ୍ଥାନ ଯୋଗାଇଥାଏ ।

### (3) ଶୀତଳ ଜଳବାୟୁ

ମାଳଭୂମିଗୁଡ଼ିକ ଉଚ୍ଚତର ଅଂଶରେ ଏପରିକି କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଅଞ୍ଚଳରେ ଶୀତଳ ଜଳବାୟୁ ଦେଖାଯାଏ । ସେଥିପାଇଁ ସେଠାରେ ବାସ କରିବା ଓ ସେମାନଙ୍କର ଅର୍ଥନୀତିକୁ ବିକାଶ କରିବା ପାଇଁ ଇଉରୋପୀୟ ମାନଙ୍କୁ ସେଗୁଡ଼ିକ ଆକର୍ଷିତ କରିଥାନ୍ତି; ଯଥା– ଦକ୍ଷିଣ ଓ ପୂର୍ବ ଆଫ୍ରିକା ।

### (4) ପଶୁପାଳନ ଓ କୃଷିପାଇଁ ଉପଯୋଗୀ

ପଶୁପାଳନ ବିଶେଷତଃ ମେଷ, ଛେଳି ଓ ଗୋ-ମହିଷାଦି ପଶୁପାଇଁ ମାଳଭୂମିଗୁଡ଼ିକରେ ଉପଯୋଗୀ ବିସ୍ତୃତ ତୃଣଭୂମି ରହିଛି । ପଶମ, ଦୁଗ୍ଧ, ମାଂସ, ଶିଙ୍ଗ ଓ ଚମଡ଼ା ପରି ବିଭିନ୍ନ ପ୍ରକାର ଉତ୍ପାଦ ସେମାନେ ଯୋଗାଇଥାନ୍ତି । ଅନ୍ୟାନ୍ୟ ମାଳଭୂମି ଅପେକ୍ଷା ଲାଭାମାଳଭୂମି ଗୁଡ଼ିକ ଅତି ଉର୍ବର ମୃତ୍ତିକା ଯୋଗୁଁ କୃଷିପାଇଁ ଅଧିକ ଉନ୍ନତ ।

- ଖଣିଜ ପଦାର୍ଥର ଅବସ୍ଥିତି ଓ ସହଜଉପାୟରେ ନିଷ୍କାସନ ଏବଂ ଜଳବିଦ୍ୟୁତଶକ୍ତି ଉତ୍ପାଦନରେ ଅନୁକୂଳ ପରିସ୍ଥିତି କାରଣରୁ ମାଳଭୂମିଗୁଡ଼ିକ ଉପଯୋଗୀ । ସେଗୁଡ଼ିକର ଦରକାରୀ ଜଳବାୟୁ ଓ କେତେକ ସମୟରେ ଉର୍ବର ମୃତ୍ତିକା ପଶୁପାଳନ ଓ କୃଷିପାଇଁ ଅନୁକୂଳ ହୋଇଥାଏ ।

**ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ 7.2**

**1. ସଂକ୍ଷେପରେ ଉତ୍ତର ଦିଅ:**

(କ) ତିନିପ୍ରକାରର ମାଳଭୂମିର ନାମଲେଖ ।

(i)------(ii)------(iii)------

(ଖ) ମାଳଭୂମିଗୁଡ଼ିକ ଉତ୍ତମ ଭାବରେ ଜଣାଶୁଣା ହୋଇଥିବା ତିନିଗୋଟି ପ୍ରାକୃତିକ ସମ୍ବଳର ନାମ ଲେଖ ।

(i)------(ii)------(iii)------

**(କ) ନିମ୍ନଲିଖିତ ପ୍ରତ୍ୟେକ ପ୍ରକାର ମାଳଭୂମି ପାର୍ଶ୍ୱରେ ଏହା କେଉଁପ୍ରକାର ମାଳଭୂମି ଲେଖ ।**

(i) ପାଟାଗୋନିଆ ମାଳଭୂମି------

(ii) ବଲିଭିଆ ମାଳଭୂମି------

(iii) ଡେକାନ ମାଳଭୂମି------

## 7.7 ସମତଳଭୂମି

ଭୂପୃଷ୍ଠରେ ଦେଖାଯାଉଥିବା ସମତଳଭୂମିଗୁଡ଼ିକ ସର୍ବାଧିକ ପ୍ରଧାନ ଭୂମିରୂପ । ଏକ ଅପେକ୍ଷାକୃତ ଭାବେ ସମତଳ ନୀଚସ୍ଥାନ କିମ୍ବା ଅତି ଢାଲୁ ବିଶିଷ୍ଟ ଅଳ୍ପଅଳ୍ପ ଗଡ଼ାଣିଆ ଓ ନୂନତମ ସ୍ଥାନୀୟ ଉଚ୍ଚାବଚ ଥିବା ଭୂମିକୁ ସମତଳଭୂମି କୁହାଯାଏ । ଭୂପୃଷ୍ଠରେ ପ୍ରାୟ 55 ଶତାଂଶ ସ୍ଥାନ ସମତଳଭୂମି ଅଧିକାର କରିଛି । ଅଧିକାଂଶ ସମତଳଭୂମି ନଦୀଦ୍ୱାରା ଆମିତ ଅବକ୍ଷେପର ସଞ୍ଚୟଯୋଗୁଁ ଗଠିତ ହୋଇଛି । ନଦୀ ବ୍ୟତୀତ ପବନ, ଗତିଶୀଳ ତୁଷାର ଓ ବିବର୍ତ୍ତନ କାର୍ଯ୍ୟକଳାପ ଆଦି କ୍ରିୟାଦ୍ୱାରା ମଧ୍ୟ ସମତଳଭୂମି ଗଠିତ ହୋଇଥାଏ । ସମତଳଭୂମିଗୁଡ଼ିକର ଉଚ୍ଚତା ହାରାହାରି 200ମିଟରରୁ କମ୍ ହୋଇଥାଏ ।

- ଅପେକ୍ଷାକୃତ ଭାବେ ଏକ ନୀଚ ସମତଳ ସ୍ଥାନ କିମ୍ବା ଅତି ଧିର ଢାଲୁ ଓ ନ୍ୟୁନତମ ସ୍ଥାନୀୟ ଭୂଉଚ୍ଚାବଚ ବିଶିଷ୍ଟ ଅଳ୍ପଅଳ୍ପ ଗଡାଣିଆ ଭୂମିକୁ ସମତଳ ଭୂମି କୁହାଯାଏ ।

## 7.8 ସମତଳଭୂମିର ବର୍ଗୀକରଣ

ସେଗୁଡ଼ିକର ଗଠନପ୍ରଣାଳୀଭିତ୍ତିରେ ସମତଳଭୂମିଗୁଡ଼ିକୁ ନିମ୍ନଲିଖିତ ପ୍ରକାରରେ ବର୍ଗୀକରଣ କରାଯାଏ:

(କ) ସଂରଚିତ ସମତଳଭୂମି

(ଖ) କ୍ଷୟିତ ସମତଳଭୂମି

(ଗ) ସଞ୍ଚିତ ସମତଳଭୂମି

### (କ) ସଂରଚିତ ସମତଳଭୂମି

ଏହି ସମତଳ ଭୂମିଗୁଡ଼ିକ ମୁଖ୍ୟତଃ ସମୁଦ୍ର-ତଳର କିଛି ଅଂଶ କିମ୍ବା ମହୀସୋପାନର ଉତ୍‌ଥାନ ଦ୍ୱାରା ଗଠିତ ହୋଇଥାଏ । ଏଗୁଡ଼ିକ ପ୍ରାୟ ସମସ୍ତ ମୁଖ୍ୟ ମହାଦେଶ ଗୁଡ଼ିକର ସୀମାରେ ଅବସ୍ଥିତ ।

ମେକ୍ସିକୋଉପସାଗରର ଏକ ଅଂଶ ଉତ୍‌ଥିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ-ପୂର୍ବ ସମତଳଭୂମି ଗଠିତ ହୋଇଥିବା ଏହିପ୍ରକାର ସମତଳଭୂମିର ଏକ ଉଦାହରଣ । କିଛି ଅଞ୍ଚଳ ନିମ୍ନଜିତ ହେବାଦ୍ୱାରା ମଧ୍ୟ ସଂରଚିତ ସମତଳଭୂମି ଗଠିତ ହୋଇପାରେ । ଅଷ୍ଟ୍ରେଲିଆର କେନ୍ଦ୍ରୀୟ ନିମ୍ନଭୂମି ଏହିପ୍ରକାର ଏକ ସମତଳଭୂମି ।

### (ଖ) କ୍ଷୟିତ ସମତଳଭୂମି

ସମସ୍ତ ପ୍ରକାର ଉଚ୍ଚଭୂମିଗୁଡ଼ିକର ଅବିରତ ଓ ଦୀର୍ଘକାଳୀନ କ୍ଷୟୀକରଣ ଯୋଗୁଁ ଏହି ସମତଳଭୂମିଗୁଡ଼ିକ ଗଠିତ । ଏହି ସମତଳଭୂମି ଗୁଡ଼ିକର ପୃଷ୍ଠଦେଶ ପ୍ରାୟ ଚିକ୍‌କଣ ନଥାଏ । ସେଥିପାଇଁ ଏଗୁଡ଼ିକୁ ମଧ୍ୟ ପେନିପ୍ଲେନ ବା ସମପ୍ରାୟଭୂମି ବୋଲି କୁହାଯାଏ । ଏହାର ଅର୍ଥ ହେଉଛି ପ୍ରାୟତଃ ଏହାଏକ ସମତଳଭୂମି । କାନାଡିଆନ ଶିଲଡ ଓ ପଶ୍ଚିମସାଇବେରୀୟ ସମତଳଭୂମି ଏହି କ୍ଷୟିତ ସମତଳଭୂମିର ଉଦାହରଣ ।

- କୌଣସି ଅଞ୍ଚଳର ଉତ୍‌ଥାନ ବା ନିମ୍ନଜନଦ୍ୱାରା ଗଠିତ ହୋଇଥିବା ସମତଳଭୂମିକୁ ସଂରଚିତ ସମତଳଭୂମି କୁହାଯାଏ ।
- ଉଚ୍ଚଭୂମିର ଅବିରତ ଦୀର୍ଘକାଳୀନ କ୍ଷୟ ଯୋଗୁଁ ଗଠିତ ସମତଳ ଭୂମିକୁ କ୍ଷୟିତ ସମତଳ ଭୂମି କୁହାଯାଏ ।

### (ଗ) ସଞ୍ଚିତ ସମତଳଭୂମି

ମୃତ୍ତିକାର ଭଗ୍ନାଂଶ, ରେଗୋଲିଥ ଓ ଶଯ୍ୟାଶିଳା ମୂଳ ଶିଳା ରାଶିରୁ ଅପସାରିତ ହୋଇ ଅନ୍ୟସ୍ଥାନରେ ସଞ୍ଚିତହୋଇ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ପୃଷ୍ଠସ୍ୱରୂପ ଗଠନ କରିଥାଏ– ଏହାକୁ ସଞ୍ଚିତ ଭୂମିରୂପ କୁହାଯାଏ । ନଦୀଦ୍ୱାରା ସଞ୍ଚୟଜାତ ପଦାର୍ଥଦ୍ୱାରା ଗଠିତ ସମତଳଭୂମିକୁ ନଦୀକୃତ ସମତଳଭୂମି କିମ୍ବା ପଟୁସମତଳଭୂମି କୁହାଯାଏ । ଭାରତୀୟ ଉପମହାଦେଶର ସୈନ୍ଧବ-ଗାଙ୍ଗେୟ ସମତଳଭୂମି, ଉତ୍ତର-ଚୀନ୍‌ର ହ୍ୱାଙ୍ଗ୍ -ହୋ ସମତଳଭୂମି, ଇଟାଲୀର ପୋନଦୀ କୂଳବର୍ତ୍ତୀ ଲୋମ୍ବାର୍ଡି ସମତଳଭୂମି ଓ ବଙ୍ଗଳାଦେଶର ଗଙ୍ଗା-ବ୍ରହ୍ମପୁତ୍ର ତ୍ରିକୋଣଭୂମି ସମତଳଭୂମି ପଟୁସମତଳଭୂମିର ଉଦାହରଣ ।

ହ୍ରଦରେ ସଞ୍ଚିତ ଅବଶେଷ ଏକ ହ୍ରଦୀୟ ବା ହ୍ରଦ ସମତଳ ଭୂମି ଗଠନ କରିଥାଏ । ଭାରତରେ ଅବସ୍ଥିତ କାଶ୍ମିର ଉପତ୍ୟକା ଓ ମଣିପୁର ଉପତ୍ୟକା ହେଉଛି ଦୁଇଟି ଉଲ୍ଲେଖଯୋଗ୍ୟ ହ୍ରଦୀୟ ସମତଳଭୂମି ।

ହିମୀୟ ସଞ୍ଚିତ ପଦାର୍ଥ ଦ୍ୱାରା ଗଠିତ ସମତଳଭୂମିକୁ ହିମୀୟ କିମ୍ବା ଡ୍ରିଫଟ୍ ସମତଳଭୂମି କୁହାଯାଏ । କାନାଡାର ସମତଳଭୂମି ଓ ଉତ୍ତର-ପଶ୍ଚିମ ଇଉରୋପର ସମତଳଭୂମି ଏହିପ୍ରକାର ସମତଳଭୂମିର ଉଦାହରଣ ।

ମୁଖ୍ୟ ଅଭିକର୍ତ୍ତାଭାବରେ ପବନ ଦ୍ୱାରା ସଞ୍ଚିତ ହେଲେ ତାକୁ ଲୋଏସ୍ ସମତଳଭୂମି କୁହାଯାଏ । ଉତ୍ତର-ପଶ୍ଚିମ ଚୀନ୍‌ର ଲୋଏସ୍ ସମତଳଭୂମି ପବନଦ୍ୱାରା ପରିବାହିତ ସୂକ୍ଷ୍ମ ଧୂଳିପଦାର୍ଥଦ୍ୱାରା ସଞ୍ଚିତ ହୋଇଥାଏ ।

- ସଞ୍ଚିତ ସମତଳଭୂମିଗୁଡ଼ିକ ନଦୀ, ହିମବାହ ଓ ପବନ ଦ୍ୱାରା ଆନୀତ ଅବକ୍ଷେପର ସଞ୍ଚୟଯୋଗୁଁ ଗଠିତ ହୋଇଥାଏ ।
- ସଞ୍ଚିତ ସମତଳଭୂମିଗୁଡ଼ିକ ପଟୁମୃତ୍ତିକା, ହ୍ରଦୀୟ, ହିମୀୟ ଓ ଲୋଏସ୍ ସମତଳଭୂମି ଭାବରେ ଉପ-ବିଭାଜିତ ହୋଇଛି ।

## 7.9 ସମତଳଭୂମିଗୁଡ଼ିକର ଆର୍ଥନୀତିକ ଗୁରୁତ୍ୱ

ନିମ୍ନଲିଖିତ ଭାବରେ ସମତଳଭୂମିଗୁଡ଼ିକ ମନୁଷ୍ୟ ଜୀବନକୁ ପ୍ରଭାବିତ କରିଥାନ୍ତି:

**(1) ଉର୍ବର ମୃତ୍ତିକା**

ସମତଳ ଭୂମିଗୁଡ଼ିକର ସାଧାରଣତଃ ଗଭୀର ଓ ଉର୍ବର ମୃତିକା ଥାଏ ସମତଳଭୂମିଗୁଡ଼ିକର ସମୋଚ୍ଚପୃଷ୍ଠ ରହିଥିବାରୁ ଜଳସେଚନ ମାଧ୍ୟମଗୁଡ଼ିକ ସହଜରେ ବିକାଶଲାଭ କରିଥାଏ । ଉଭୟ କାରଣ ଯୋଗୁଁ ସମତଳଭୂମିଗୁଡ଼ିକ କୃଷି ଦୃଷ୍ଟିରୁ ଅଧିକ ପ୍ରଧାନ ହୋଇଥିବାରୁ ସେଗୁଡ଼ିକୁ ପ୍ରାୟତଃ "ପୃଥିବୀର ଖାଦ୍ୟଝୁଡ଼ି" ବୋଲି କୁହାଯାଏ ।

**(2) ଶିଳ୍ପ ଅଭିବୃଦ୍ଧି**

ଉର୍ବର ପଟୁ ସମତଳଭୂମିର ଉନ୍ନତ ସମ୍ବଳ କୃଷିଭିତ୍ତିକଶିଳ୍ପର ଅଭିବୃଦ୍ଧିରେ ସାହାଯ୍ୟକରେ । ଏହା ନିଯୁତ ନିଯୁତ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରେ ଏବଂ ଜାତୀୟ ଉତ୍ପାଦନ ଓ ମୁଣ୍ଡପିଛା ଆୟରେ ଏକ ସୁନିଶ୍ଚିତ ବୃଦ୍ଧି ଲିପିବଦ୍ଧ କରିଛି । ସମତଳଭୂମିଗୁଡ଼ିକ ଅଧିକ ଜନସଂଖ୍ୟା ବିଶିଷ୍ଟ ହୋଇଥିବାରୁ ସଘନକୃଷିନିମିତ୍ତ ପ୍ରଚୁର ଶ୍ରମିକ ମିଳିଥାଏ ଏବଂ ଶିଳ୍ପ ନିମିତ୍ତ ଶ୍ରମିକବଳ ଯୋଗାଇଥାଏ ।

**(3) ପରିବହନ ସାଧନର ପ୍ରସାରଣ**

ସମତଳ ଭୂମିଗୁଡ଼ିକ ସମପୃଷ୍ଠ ବିଶିଷ୍ଟ ହୋଇଥିବାରୁ ସଡକପଥ, ଉଡାଜାହାଜ ପଡିଆର ନିର୍ମାଣ ଓ ରେଳପଥ ପକାଇବାକୁ ସାହାଯ୍ୟ କରିଥାଏ ।

**(4) ସଭ୍ୟତାର କେନ୍ଦ୍ର**

ସମତଳଭୂମିଗୁଡ଼ିକରେ ଅନେକ ଆଧୁନିକ ଓ ପ୍ରାଚୀନ ସଭ୍ୟତାର କେନ୍ଦ୍ର ରହିଛି । ପୃଥିବୀର ମୁଖ୍ୟ ନଦୀଉପତ୍ୟକା ସଭ୍ୟତାଗୁଡ଼ିକ ସମତଳଭୂମି ଉପରେ ଗଢି ଉଠିଥିଲା । ସେଥିପାଇଁ ସେଗୁଡ଼ିକୁ ନିଶ୍ଚିତ ଭାବେ ସଭ୍ୟତାର ଦୋଳି ବୋଲି ଉଲ୍ଲେଖ କରାଯାଏ– ଉଦାହରଣ ସ୍ୱରୂପ, ସିନ୍ଧୁଉପତ୍ୟକା ସଭ୍ୟତା ଓ ନୀଳନଦୀଉପତ୍ୟକା ସଭ୍ୟତା ।

**(5) ନଗର ଓ ସହର ସ୍ଥାପନ**

ଭୂମିଉପରେ ସହଜରେ ପରିବହନ ସାଧନ, କୃଷି ଓ ଶିଳ୍ପର ଅଭିବୃଦ୍ଧି ଯୋଗୁଁ ସମତଳ ଭୂମିଗୁଡ଼ିକରେ ନଗର ଓ ସହରର ସ୍ଥାପନ ଓ ପ୍ରସାରଣ ହୋଇଥାଏ । ପୃଥିବୀର ଅତ୍ୟନ୍ତ ବିକଶିତ ବାଣିଜ୍ୟକେନ୍ଦ୍ର ଓ ବନ୍ଦର ଗୁଡ଼ିକ କେବଳ ସମତଳ ଭୂମିଉପରେ ଥିବାର ଦେଖାଯାଏ । ରୋମ, ଟୋକିଓ, କୋଲକତା, ୟାଙ୍ଗୁନ (ରେଙ୍ଗୁନ), ବାରାଣସୀ, ପ୍ୟାରିସ୍ ଓ ଅନ୍ୟାନ୍ୟ ପ୍ରସିଦ୍ଧ ନଗରୀଗୁଡ଼ିକ ସମତଳଭୂମି ଉପରେ ଅବସ୍ଥିତ । ପୃଥିବୀର ସମୁଦାୟ ଜନସଂଖ୍ୟାର ଅଧିକାଧିକ ୪0ଶତାଂଶ ସମତଳଭୂମିରେ ବାସ କରନ୍ତି ।

- ଉର୍ବର ମୃତ୍ତିକା, ଶିଳ୍ପଅଭିବୃଦ୍ଧି, ପରିବହନ ବିକାଶ, ନଗର ଓ ସହରର ଅବସ୍ଥାନ ଓ ମନୁଷ୍ୟସଭ୍ୟତାର ଦୋଳି ଭାବରେ ଆକର୍ଷଣୀୟ ହୋଇଥିବା ଯୋଗୁଁ ସମତଳଭୂମିଗୁଡ଼ିକ ମନୁଷ୍ୟ ପାଇଁ ଦରକାରୀ

## ପାଠ୍ୟଅନ୍ତର୍ଗତ ପ୍ରଶ୍ନାବଳୀ 7.3

**1. ସଂକ୍ଷେପରେ ଉତ୍ତର ଦିଅ:**

(କ) ତିନୋଟି ମୁଖ୍ୟପ୍ରକାରର ସମତଳଭୂମିର ନାମ ଲେଖ ।

(i)––––(ii)––––(iii)–––––

(ଖ) ନିମ୍ନଲିଖିତ ସମତଳଭୂମିଗୁଡ଼ିକ କେଉଁଶ୍ରେଣୀର ଅନ୍ତର୍ଭୁକ୍ତ ?

(i) ଇଟାଲୀର ଲୋମ୍ବାର୍ଡି ସମତଳଭୂମି––––

(ii) ଉତ୍ତର-ପଶ୍ଚିମ ଚୀନର ସମତଳଭୂମି––––

(iii) ଉତ୍ତର କାନାଡାର ସମତଳଭୂମି ––––

2. ନଦୀଉପତ୍ୟକାରେ ବିକାଶଲାଭ କରିଥିବା ଦୁଇଟିସଭ୍ୟତାର ନାମଲେଖ–

(i)–––– (ii)––––

3. ହ୍ରଦୀୟ ସମତଳର ଦୁଇଟି ଉଦାହରଣ ଦିଅ ।

(i)–––– (ii)––––

## ତୁମେ କ'ଣ ଶିଖିଲ

ଭୂପୃଷ୍ଠରେ ଦେଖାଯାଉଥିବା ମୁଖ୍ୟଭୂମିରୂପ ଗୁଡ଼ିକ ହେଉଛି ପର୍ବତ, ମାଳଭୂମି ଓ ସମତଳଭୂମି । ଏହାବ୍ୟତୀତ, ଶିଳାର ସଂରଚନା, ଭୂପୃଷ୍ଠରେ କାର୍ଯ୍ୟ କରୁଥିବା ବହିଃସ୍ଥ ଓ ଅନ୍ତଃସ୍ଥ ବଳ ମଧ୍ୟ ଏହିପ୍ରକାର ଭୂମିରୂପ ବିକାଶ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ବିଭିନ୍ନ ଭାବରେ ପୃଥିବୀପୃଷ୍ଠରେ ଥିବା ଭୂମିରୂପଗୁଡ଼ିକ ମନୁଷ୍ୟଜୀବନକୁ ପ୍ରଭାବିତ କରେ । ପର୍ବତଗୁଡ଼ିକରୁ ବାହାରୁ ଥିବା ନଦୀ ଗୁଡ଼ିକ ଦ୍ୱାରା ଉର୍ବର ସମତଳଭୂମି ଗଠିତ ହୋଇଥାଏ । ଏହି ନଦୀଗୁଡ଼ିକ ଜଳସେଚନ ଓ ଅନ୍ୟାନ୍ୟ ଉଦ୍ଦେଶ୍ୟ ପାଇ ଜଳର ଚିରଉତ୍ସ । ମାଳଭୂମିଗୁଡ଼ିକ ଖଣିଜପଦାର୍ଥର ଭଣ୍ଡାର ଭାବରେ ପ୍ରାୟତଃ ବର୍ଣ୍ଣିତ ହୋଇଛି । ଆମର ଅନେକ ମୁଖ୍ୟ ଶିଳ୍ପ ଏହି ଖଣିଜପଦାର୍ଥର ଅବିରତ ଯୋଗାଣ ଉପରେ ନିର୍ଭରଶୀଳ । ଏହାବ୍ୟତୀତ, ଭୂମିରୂପଦ୍ୱାରା ଜନସଂଖ୍ୟାର ଘନତ୍ୱ ମଧ୍ୟ ପ୍ରଭାବିତ ହୋଇଥାଏ । ପର୍ବତଉପରେ ଅବସ୍ଥିତ ନଦୀଉପତ୍ୟକା ସହିତ ସମତଳଭୂମି ଗୁଡ଼ିକ ମନୁଷ୍ୟମାନଙ୍କ ଦ୍ୱାରା ପରିପୂର୍ଣ୍ଣ । ସମତଳଭୂମି ତୁଳନାରେ ପର୍ବତ ଓ ମାଳଭୂମିର ପୃଷ୍ଠଦେଶ ଅସମତଳ, ସେଥିପାଇଁ ସାଧାରଣତଃ ସେଠାରେ ବିକ୍ଷିପ୍ତଭାବରେ ଜନସଂଖ୍ୟା ଦେଖାଯାଏ ।

## ପ୍ରାନ୍ତୀୟ ପ୍ରଶ୍ନାବଳୀ

1. ପୃଥିବୀରେ ଦେଖାଯାଉଥିବା ଚାରିପ୍ରକାରର ପର୍ବତର ନାମଲେଖ ଏବଂ ପ୍ରତ୍ୟେକ ପ୍ରକାରର ଗଠନକୁ ବର୍ଣ୍ଣନା କର ।

2. ମାଳଭୂମିଗୁଡ଼ିକ ମନୁଷ୍ୟମାନଙ୍କ ପାଇଁ କିପରି ଦରକାରୀ, ବର୍ଣ୍ଣନା କର ।

3. ସମତଳ ଭୂମିଗୁଡ଼ିକୁ କାହିଁକି ସଭ୍ୟତାର ଦୋଳି ବୋଲି କୁହାଯାଏ ?





4. ପର୍ବତଗୁଡ଼ିକର ଗୁରୁତ୍ୱ ବର୍ଣ୍ଣନା କର ।
5. ନିମ୍ନଲିଖିତ ଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
   (i) ଅନ୍ତଃପାର୍ବତ୍ୟ ମାଳଭୂମି ଓ ମହାଦେଶୀୟ ମାଳଭୂମି
   (ii) ସ୍ତୂପ ପର୍ବତ ଓ ଜ୍ୱାଳାମୁଖୀ ପର୍ବତ
   (iii) ସଂରଚିତ ସମତଳ ଓ ସଞ୍ଚିତ ସମତଳ
6. ପୃଥିବୀର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକର ଅବସ୍ଥିତି ଦର୍ଶାଅ ଓ ଲେବେଲ **ଲଗାଅ** ।
   (କ) ରକି ଓ ଆଲ୍‌ପସ୍ ପର୍ବତଶ୍ରେଣୀ
   (ଖ) ପାଟାଗୋନିଆ ଓ ତିବ୍‌ବତ ମାଳଭୂମି
   (ଗ) ଅଷ୍ଟ୍ରେଲିଆର କେନ୍ଦ୍ରୀୟ ନିମ୍ନଭୂମି ଓ ହ୍ୱାଙ୍ଗ ହୋ ସମତଳଭୂମି

**ପାଠ୍ୟଅନ୍ତର୍ଗତ ଓ ପ୍ରଶ୍ନାବଳୀର ଉତ୍ତର**

**7.1**

1. (କ) ପର୍ବତ, (ଖ) ମାଳଭୂମି, (ଗ) ସମତଳଭୂମି
2. (କ) ସ୍ତରୀଭୂତ ଶିଳା (ଖ) ଆନୁଭୂମିକ ସଙ୍କୁଚିତ ବଳ, (ଗ) (i)ଶିମଳା (ii) ନୈନିତାଲ (iii) ମସୌରୀ (iv) ଶ୍ରୀନଗର
3. (କ) ସ୍ତୂପ ପର୍ବତ (ଖ) ଅବଶିଷ୍ଟ ପର୍ବତ (ଗ) ଜ୍ୱାଳାମୁଖୀ ପର୍ବତ, (ଘ) ଭଙ୍ଗିଳ ପର୍ବତ

**7.2** (କ) (i) ଅନ୍ତର୍ପାର୍ବତ୍ୟମାଳଭୂମି (i) ପର୍ବତ ପାଦଦେଶୀୟ ମାଳଭୂମି, (ii) ମହାଦେଶୀୟ ମାଳଭୂମି

(ଖ) (i)ଖଣିଜ ପଦାର୍ଥ, (ii) ଜଳ ଓ ମୃତ୍ତିକା (iii) ତୃଣଭୂମି

(ଗ) (i) ପର୍ବତପାଦେଶୀୟ ମାଳଭୂମି, (ii) ଅନ୍ତର୍ପାର୍ବତ୍ୟ ମାଳଭୂମି ମହାଦେଶୀୟ ମାଳଭୂମି ।

**7.3**

1. (କ) (i) ସଂରଚିତ, (ii) କ୍ଷୟିତ, (iii) ସଞ୍ଚିତ
   (ଖ) (i) ପଟୁ ସମତଳ, (ii) ଲୋଏସ୍ ସମତଳ ଓ (iii) କ୍ଷୟିତ ସମତଳ
2. (i) ସିନ୍ଧୁ ଉପତ୍ୟକା ସଭ୍ୟତା (ii) ନୀଳନଦୀ ସଭ୍ୟତା
3. (i) କାଶ୍ମୀର ଉପତ୍ୟକା (ii) ମଣିପୁର ସମତଳ

**ପ୍ରାନ୍ତୀୟ ପ୍ରଶ୍ନାବଳୀ ପ୍ରତି ସଙ୍କେତ:**

1. 7.2 ପାରାଦେଖ- ପର୍ବତଗୁଡ଼ିକର ପର୍ବଗୀକରଣ । ପ୍ରତ୍ୟେକ ପ୍ରକାରର ପର୍ବତର ଉଦାହରଣ ଏବଂ ଚିତ୍ର ସହ ତୁମର ଉତ୍ତରକୁ ଦର୍ଶାଅ ।
2. 7.6 ପାରା ଦେଖ

**ଟିପ୍ପଣୀ (Notes)**

3. ନିମ୍ନଲିଖିତ ଭାବରେ ପ୍ରସାରଣ କର–

   ଉର୍ବର ମୃତ୍ତିକାର ସୁଲଭତା, ପରିବହନ ସାଧନର ବିକାଶ,

   ଶିଳ୍ପ ଅଭିବୃଦ୍ଧି, ବାଣିଜ୍ୟକେନ୍ଦ୍ରର ବିକାଶ ।

   ବିଭିନ୍ନ ସଭ୍ୟତାର ଉଦାହରଣ ଦିଅ ଯାହାକି ସମତଳଭୂମି ଉପରେ ବିକାଶଲାଭ କରିଛି ।

4. 7.3 ପାରା ଦେଖ ।

5. (i) ପାରା ଦେଖ (କ) ଓ (ଖ) ପାଇଁ

5. ମାନଚିତ୍ର ଦେଖ ।